# ଗ୍ରାମୀଣ କୃଷି ମୌସମ ସେବା
# ଭାରତ ପାଣିପାଗ ବିଭାଗ
# ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
# ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର, ଚିପିଲିମା

ସଂଖ୍ୟା -୨୫ (ଓଡ଼ିଆ ବୁଲେଟିନ) ସପ୍ତାହ -୧୩ ତାରିଖ:୨୬.୦୩.୨୦୨୪

## ଝାରସୁଗୁଡା

ଭାରତ ପାଣିପାଗ ବିଜ୍ଞାନ ବିଭାଗ, ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ବର ଅନୁଯାୟୀ ଆସନ୍ତା ସପ୍ତାହର ପ୍ରଥମ ଦୁଇ ରୁ ତିନି ଦିନ ମଧ୍ୟରେ ବର୍ଷା ହେବାର ସମ୍ଭାବନା କମ ଅଛି ଓ ଏହି ସମୟ ଅବଧିରେ ଆକାଶ ସଫା ରହିପାରେ ଏବଂ ପରବର୍ତ୍ତୀ ଦିନ ଗୁଡ଼ିକରେ କିଛି ସ୍ଥାନରେ ଅତି ସ୍ୱଳ୍ପ ବର୍ଷା ସହିତ ଆକାଶ ଆଂଶିକ କିମ୍ବା ପୂର୍ଣତଃ ମେଘାଚ୍ଛନ୍ନ ରହିବାର ସମ୍ଭାବନା ଅଛି। ଆସନ୍ତା ୫ ଦିନ ମଧ୍ୟରେ ସର୍ବୋଚ୍ଚ ତାପମାତ୍ରା ୩୭ ରୁ ୪୦ ଡିଗ୍ରୀ ସେଣ୍ଟିଗ୍ରେଡ ଓ ସର୍ବନିମ୍ନ ତାପମାତ୍ରା ୨୧ ରୁ ୨୩ ଡିଗ୍ରୀ ସେଣ୍ଟିଗ୍ରେଡ ମଧ୍ୟରେ ରହିବାର ସମ୍ଭାବନା ରହିଅଛି। ଆସନ୍ତା ସପ୍ତାହରେ ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୩୩ % ରୁ ୪୦ % ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୧୩ % ରୁ ୧୮ % ମଧ୍ୟରେ ରହିବାର ସମ୍ଭାବନା ରହିଅଛି । ଆସନ୍ତା ୫ ଦିନ ମଧ୍ୟରେ ୮ ରୁ ୧୨ କି.ମି. ପ୍ରତି ଘଣ୍ଟା ବେଗରେ ଉତ୍ତର ପୂର୍ବ, ପଶ୍ଚିମ, ଦକ୍ଷିଣ ପଶ୍ଚିମ କିମ୍ବା ଉତ୍ତର ପଶ୍ଚିମ ଦିଗରୁ ପବନ ବହିବାର ସମ୍ଭାବନା ରହିଅଛି ।

| ତାରିଖ | 27-03-2024 | 28-03-2024 | 29-03-2024 | 30-03-2024 | 31-03-2024 |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 0 | 0 | 0 | 0 | 4 |
| ସର୍ବାଧିକ ତାପମାତ୍ରା (º ସେଣ୍ଟିଗ୍ରେଡ) | 37 | 38 | 38 | 39 | 40 |
| ସର୍ବନିମ୍ନ ତାପମାତ୍ରା (º ସେଣ୍ଟିଗ୍ରେଡ) | 21 | 21 | 22 | 22 | 23 |
| ସମ୍ପୂର୍ଣ ମେଘ ଆବରଣ(ଓକଟା) | 0 | 0 | 0 | 0 | 8 |
| ସର୍ବାଧିକ ଆପେକ୍ଷିକ ଆଦ୍ରତା (ଶତକଡା %) | 40 | 34 | 33 | 35 | 38 |
| ସର୍ବନିମ୍ନ ଆପେକ୍ଷିକ ଆଦ୍ରତା (ଶତକଡା %) | 18 | 14 | 14 | 15 | 13 |
| ପବନ ବେଗ (କିମି/ଘଣ୍ଟା ପ୍ରତି) | 8 | 9 | 9 | 11 | 12 |
| ପବନ ଦିଗ (ଡିଗ୍ରୀ) | 68 | 270 | 292 | 216 | 297 |

ଅଧିକ ଜାଣିବା ପାଇଁ , ଭାରତୀୟ ପାଣିପାଗ ବିଭାଗ , ଭୁବନେଶ୍ଵର, ଟେଲିଫୋନ # ୦୬୭୪-୨୫୯୬୧୧୬ ରେ ଯୋଗାଯୋଗ କରନ୍ତୁ

## ସାଧାରଣ ଉପଦେଶ

- ଆସନ୍ତା ସପ୍ତାହରେ ବର୍ଷା ହେବାର ସମ୍ଭାବନା କମ ଅଛି ଏବଂ ପାଗ ମୁଖ୍ୟତଃ ଶୁଷ୍କ ରହିବା ସହିତ ସର୍ବାଧିକ ତାପମାତ୍ରାରେ ବୃଦ୍ଧି ଦେଖାଯାଇପାରେ ତେଣୁ ଚାଷୀ ଭାଇ ମାନଙ୍କୁ କ୍ଷେତରେ ଆବଶ୍ୟକତା ଅନୁଯାଇ ଜଳସେଚନ କରିବାକୁ ଏବଂ ସାରର ପ୍ରୟୋଗ ତଥା ଔଷଧର ସିଞ୍ଚନ କାର୍ଯ୍ୟ ଏହି ସମୟ ଅବଧି ମଧ୍ୟରେ କରିବାକୁ ପରାମର୍ଶ ଦିଆଯାଇଅଛି । ଆସନ୍ତା ସପ୍ତାହର ଦୁଇ ରୁ ତିନି ଦିନ ପରେ ଓ ପରବର୍ତ୍ତୀ ସପ୍ତାହର ଆରମ୍ଭରେ ଆକାଶ ଆଂଶିକ ରୁ ସାଧାରଣତଃ ମେଘାଚ୍ଛନ୍ନ ରହିପାରେ ତେଣୁ ସିଞ୍ଚନ କାର୍ଯ୍ୟରେ ସାବଧାନତା ଅବଲମ୍ବନ କରନ୍ତୁ ।
- ଆଗକୁ ତାପମାତ୍ରାରେ ବୃଦ୍ଧି ହେବାର ସମ୍ଭାବନାକୁ ଧ୍ୟାନରେ ରଖି ଫଳ ଓ ପନିପରିବା କ୍ଷେତରେ ପଲିଥିନ, ପୁଆଳ କିମ୍ବା ଅନ୍ୟ ଫସଲ ଅବଶେଷକୁ ଆବରଣ ଭାବରେ ପ୍ରୟୋଗ କରିପାରିବେ କାରଣ ଏହା ଦ୍ୱାରା ମାଟିର ଆର୍ଦ୍ରତା ସହିତ ତାପମାତ୍ରା ମଧ୍ୟ ନିୟନ୍ତ୍ରଣ ରହିଥାଏ।
- ବର୍ତ୍ତମାନ ପାଣିପାଗର ଯେଉଁ ସ୍ଥିତି ରହିଅଛି ତାହା ଫସଲରେ ରୋଗ ପୋକ ଆକ୍ରମଣ ପାଇଁ ଅନୁକୁଳ ଅଟେ ତେଣୁ ଏହାର ନିୟମିତ ନିରୀକ୍ଷଣ କରନ୍ତୁ ।
- ଆଗକୁ ତାପମାତ୍ରାରେ ବୃଦ୍ଧି ହେବାର ସମ୍ଭାବନାକୁ ଦେଖି ପଶୁମାନଙ୍କୁ ଖରାରୁ ବଂଚାଇବା ପାଇଁ ଛାଇଁରେ ରଖିବାର ବ୍ୟବସ୍ଥା କରନ୍ତୁ ଏବଂ ଖରାରେ କାମ କରାନ୍ତୁ ନାହିଁ ।

## ପାଣିପାଗ ଭିତ୍ତିକ କୃଷି ଏବଂ ପଶୁପାଳନ ଉପଦେଶ

| ଫସଲର ନାମ | ଫସଲ ଅବସ୍ଥା | କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ |
|---|---|---|
| ଡାଲୁଆ ଧାନ | ପିଲ ଅବସ୍ଥା | ଧାନ କ୍ଷେତରେ ମାଟିରେ ଥିବା ଆର୍ଦ୍ରତାକୁ ଦେଖି ୟୁରିୟା ସାରର ପ୍ରୟୋଗ ପିଲ ଅବସ୍ଥାରେ କରିବାକୁ ପରାମର୍ଶ ଦିଆଯାଇଅଛି । ଧାନ ଗଛରେ କାଣ୍ଡ ବିନ୍ଧା ପୋକର ଉପଦ୍ରବ ଦେଖାଗଲେ ଏହାର ନିୟନ୍ତ୍ରଣ ପାଇଁ କ୍ଲୋରାନଟ୍ରାନିଲିପ୍ରୋଲ ୧୮.୫ ଏସ.ସି. @ ୦.୩ ମିଲିକୁ ପ୍ରତି ଲିଟର ପାଣିରେ ମିଶାଇ ଶୁଷ୍କ ପାଗରେ ପ୍ରୋୟୋଗ କରିବାକୁ ପରାମର୍ଶ ଦିଆଯାଇଅଛି କାରଣ ଆଗକୁ ବର୍ଷା ହେବାର ସମ୍ଭାବନା କମ ରହିଅଛି । |

| | | |
|---|---|---|
| ମୁଗ (ଖରା ଦିନିଆ) | ବନସ୍ପତି ବିକାସ | ମୁଗ କ୍ଷେତରେ ଜଉ ପୋକ ଲାଗିବାର ଦେଖାଗଲେ ଏହାର ନିୟନ୍ତ୍ରଣ ପାଇଁ ୦.୩ ମିଲି ଇମିଡାକ୍ଲୋରୋପ୍ରିଡ଼ କିମ୍ବା ୦.୩ ଗ୍ରାମ ଥାଇଓମିଥୋକ୍ସାମକୁ ପ୍ରତି ଲିଟର ପାଣିରେ ଏବଂ ସାହେବୀ ରୋଗର ଲକ୍ଷଣ ଯାହାକି ଧଳା ମାଛି ଦ୍ବାରା ବ୍ୟାପିଥାଏ ତେଣୁ ଧଳା ମାଛିର ନିୟନ୍ତ୍ରଣ ପାଇଁ ପ୍ରତି ଏକର ପିଛା ୪୦ ଗ୍ରାମ ଏସିଟାମିପ୍ରିଡକୁ ୨୦୦ ରୁ ୨୫୦ ଲିଟର ପାଣିରେ ମିଶାଇ ଶୁଷ୍କ ପାଗକୁ ଦେଖି ଖେତରେ ପ୍ରୟୋଗ କରନ୍ତୁ । |
| ମକା | ବନସ୍ପତି ବିକାସ | ପୂର୍ବ ଦିନ ଗୁଡ଼ିକରେ ହୋଇଥିବା ବର୍ଷା ଯୋଗୁଁ ଯଦି ଜଳ ଜମା ହୋଇଯାଇଛି ତା'ହେଲେ କ୍ଷେତରୁ ଅଧିକ ଜଳର ନିଷ୍କାସନ ପାଇଁ ଉଚିତ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଉଛି । ଜଳ ନିଷ୍କାସନ କରି ସାରିଲା ପରେ ମକା ଗଛରେ ସାରର ପ୍ରୟୋଗ କାର୍ଯ୍ୟ ଉପଯୁକ୍ତ ଆର୍ଦ୍ରତାକୁ ଦେଖି କରନ୍ତୁ ।<br>କାଣ୍ଡବିନ୍ଧା ପୋକର ନିୟନିନ୍ତ୍ରଣ ପାଇଁ ଫିପ୍ରୋନିଲ ୫% ଏସ.ସି. କିମ୍ବା ପ୍ରୋପେନୋଫସ ୫୦% ଇ.ସି. @ ୨ ମିଲିକୁ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫଲ ଆର୍ମିଓର୍ମ କୀଟର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୦.୪ ଗ୍ରା. ଇମାମେକଟିନ୍ନିନ ବେନଜୋଏଟ୍ କୁ ମିଶାଇ ଶୁଷ୍କ ପାଗ କ୍ଷେତରେ ପ୍ରୟୋଗ କରନ୍ତୁ । |
| ଆମ୍ବ | ସୋରିଷ ଏବଂ ମଟର ଆକାରର ଫଳ ଅବସ୍ଥା | ଆମ୍ବ ଗଛରେ ଆମ୍ବ ହପରକୁ ନିୟନ୍ତ୍ରଣ କରିବା ପାଇଁ ୧ ଗ୍ରାମ୍ ଏସିଫେଟ କିମ୍ବା ୦.୫ ମିଲି କ୍ଲୋରୋପାଇରିଫସ୍ କିମ୍ବା ୦.୩ ରୁ ୦.୪ ଗ୍ରାମ ଥାଇଓମିଥୋକ୍ସାମକୁ ପ୍ରତି ଲିଟର ପାଣିରେ ମିଶାଇ ଏବଂ ଧଳା ପାଉଡରର ସ୍ତର ଲାଗି ରହିଲା ପରି ରୋଗର ଲକ୍ଷଣ ଦେଖାଗଲେ ଏହାର ନିୟନ୍ତ୍ରଣ ପାଇଁ ୨ ଗ୍ରାମ ଦ୍ରବୀଭୂତ ସଲଫରକୁ ପ୍ରତି ଲିଟର ପାଣିରେ ମିଶାଇ ଆକାଶ ସଫା ଥିବା ସମୟରେ ଗଛରେ ପ୍ରୟୋଗ କରନ୍ତୁ । ଯଦି ଆମ୍ବ ଗଛରେ ଫଳ ସୋରିଷ ଆକାରର ହୋଇଗଲାଣି ସେଥିରେ ୨ ପ୍ରତିଶତ KNO3 ର ପ୍ରୟୋଗ କରିପାରିବେ କାରଣ ଏହା ଆଗକୁ ଫଳର ଆକାର ବୃଦ୍ଧି କରିବାରେ ସହାୟକ ହୋଇଥାଏ । ଆମ୍ବ ଗଛରେ ଯଦି ଫଳ ମଟର ଦାନା ଆକାରର ହୋଇଯାଇଛି ସେଥିରେ ଫଳ ଝଡିବା କମ କରିବା ପାଇଁ ପ୍ଲାନୋଫିକ୍ସ @ ୧ ମିଲି ପ୍ରତି ୪.୫ ଲିଟର ପାଣି ହିସାବରେ ପ୍ରୟୋଗ କରନ୍ତୁ । ହରମୋନ ଏବଂ କୀଟମରା ଔଷଧର ପ୍ରୟୋଗ ଏକା ସମୟରେ କରନ୍ତୁ ନାହିଁ ଓ ଏହାର ସିଞ୍ଚନରେ ଗୋଟେ ସପ୍ତାହର ବ୍ୟବଧାନ ରଖନ୍ତୁ । ଆମ୍ବ ଗଛ ମୂଳରେ ପଣି ଜମା ହେବାକୁ ଦିଅନ୍ତୁ ନାହିଁ । |
| ପନିପରିବା | ବନସ୍ପତି ବିକାସ, ଫୁଲ ଓ ଫଳ ଅବସ୍ଥା | ପନିପରିବା କ୍ଷେତରେ କାଣ୍ଡ ଓ ମୂଳ ସଢା ଓ ଫଳ ପଚା ରୋଗର ସଂକ୍ରମଣ ପ୍ରତି ନିୟମିତ ନିରୀକ୍ଷଣ କରିବାକୁ ପରାମର୍ଶ ଦିଆଯାଇଅଛି । ଯଦି ବାଇଗଣ ଏବଂ ଟମାଟର ଗଛରେ ପତ୍ରଖିଆ ସମ୍ବାଳୁଆ ଏବଂ କାଣ୍ଡ ଓ ଫଳବିନ୍ଧା ପୋକର ଆକ୍ରମଣ ଦେଖାଯାଏ ତାହେଲେ ୦.୪ ଗ୍ରାମ ଇମାମେକଟିନ୍ ବେନଯୋଏଡ଼କୁ ପ୍ରତି ଲିଟର ପାଣିରେ ମିଶାଇ ଶୁଷ୍କ ପାଗକୁ ଦେଖି ଗଛରେ ପ୍ରୟୋଗ କରନ୍ତୁ । ଯଦି ଟୋମାଟୋ ଗଛରେ ପତ୍ରପୋଡା ରୋଗର ଲକ୍ଷଣ ଦେଖାଯାଏ ତା'ହେଲେ ଏହାର ନିରାକରଣ ପାଇଁ ଟେବୁକୋନାଜୋଲ ୫୦% + ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ ୨୫% @ ୦.୪ ଗ୍ରାମ କୁ ପ୍ରତି ଲିଟର ପାଣି ସହିତ ମିଶାଇ ସିଞ୍ଚନ କରିପାରିବେ। ପିଆଜ ଗଛ ରେ ବାଇଗଣି ଦାଗ କିମ୍ବା ପର୍ପଲ ବ୍ଲୋଚ୍ଚ ର ନିୟନ୍ତ୍ରଣ ପାଇଁ ଟେବୁକୋନାଜୋଲ ୫୦% + ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ ୨୫% @ ୦.୪ ଗ୍ରାମ କୁ ପ୍ରତି ଲିଟର ପାଣି ସହିତ ମିଶାଇ ସିଞ୍ଚନ କରନ୍ତୁ । ଉକୁଣିଆ ପୋକର ପ୍ରକୋପରୁ ଗଛକୁ ରକ୍ଷା କରିବା ପାଇଁ ୦.୩ ମିଲି ଇମିଡାକ୍ଲୋରୋପ୍ରିଡ଼ କିମ୍ବା ୦.୩ ଗ୍ରାମ ଥାଇଓମିଥୋକ୍ସାମ କୁ ପ୍ରତି ଲିଟର ପାଣି କିମ୍ବା ୧ ଗ୍ରାମ ଏସିଟାମିପ୍ରିଡ ୨୦ ପ୍ରତିଶତ ଇ.ସି. କୁ ୪ ଲିଟର ପାଣିରେ ମିଶାଇ ଗଛରେ ପ୍ରୟୋଗ କରନ୍ତୁ । |
| ଗାଈ ଓ ମଇଷି | ପଶୁମାନଙ୍କୁ ଗରମରୁ ରକ୍ଷା କରିବା ପାଇଁ ତାଙ୍କୁ ନିୟମିତ ତାଜା ସ୍ୱଚ୍ଛ ଥଣ୍ଡା ପାନୀୟ ଜଳ ଯୋଗେଇବାର ବ୍ୟବସ୍ଥା କରନ୍ତୁ । ସେମାନଙ୍କୁ ଛାଇ ରେ ରଖନ୍ତୁ ଓ ସକାଳ ୧୧ ଟା ରୁ ସନ୍ଧ୍ୟା ୪ ଟା ମଧରେ ଚରାଇବାକୁ ବାହାରକୁ ଛାଡନ୍ତୁ ନାହିଁ । ଗୁହାଳର ଚଳପଟରେ ପୁଆଳ କିମ୍ବା ଧଳା ପେଣ୍ଟ କିମ୍ବା ପ୍ଲାଷ୍ଟରର ବ୍ୟବସ୍ଥା କରନ୍ତୁ କାରଣ ଏହା ଦ୍ୱାରା ତାପମାତ୍ରା ନିୟନ୍ତ୍ରଣ ହୋଇଥାଏ । | |


| | |
|---|---|
| **Ms. Jubuli Sahu**<br>**Junior Agrometeorologist,**<br>**AMFU, RRTTS, Chiplima** | **Dr. Sanjukta Mohapatra**<br>**ADR cum Nodal Officer**<br>**RRTTS, Chiplima** |



- କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ, କୁକୁଡ଼ା ଛୁଆ, ମହୁମାଛି ଓ ଷ୍ଟୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।

- ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ମୋବାଇଲ ଆପ (https://play.gooogle.com/store/apps/details?id=com.aas.meghdoot) ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ (https://play.google.com/store/apps/details?id=com.lightening.live.damini) ର ବ୍ୟବହାର କରିପାରିବେ।